**LOYOLA SCHOOL, BHUBANESWAR**

**Half Yearly Evaluation September - 2025**

**Class –VI** **Subject:2nd Lang (Odia)** **F.M.=80** **Time:2 Hrs.**

1. ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ । [12]

“ ଗ୍ରୀଷ୍ମ ଋତୁ ” କିମ୍ବା “ରଜ ଉତ୍ସବ ”

2. ଯେ କୌଣସି ଗୋଟିଏ ବିଷୟରେ ପତ୍ର ଲେଖ । [8]

କ) ଶ୍ରେଣୀରେ ଅନୁପସ୍ଥିତ ଥିବାରୁ ପ୍ରଧାନ ଶିକ୍ଷକଙ୍କ ନିକଟକୁ ଦରଖାସ୍ତ ଲେଖ ।

ଖ) ତୁମେ ଦେଖିଥିବା ଏକ ଦର୍ଶନୀୟ ସ୍ଥାନ ବିଷୟରେ ବର୍ଣ୍ଣନା କରି ମାମୁଁଙ୍କ ନିକଟକୁ ପତ୍ର ଲେଖ ।

3. ନିମ୍ନୋକ୍ତ ଅନୁଚ୍ଛେଦଟି ପାଠକରି ପ୍ରଶ୍ନଗୁଡିକର ଉତ୍ତର ଲେଖ । [10]

ଗୋଟିଏ ଗାଁ ଥିଲା । ସେହି ଗାଁ ନିକଟରେ ସୁନ୍ଦର ବଣଟିଏ ଥିଲା । ସେହି ବଣରେ ବିଭିନ୍ନ ପ୍ରକାର ପକ୍ଷୀ ଓ ପଶୁ ବାସ କରୁଥିଲେ । ପକ୍ଷୀମାନଙ୍କ ଭିତରେ ଶୁଆ , ଶାରୀ , କୋଇଲି , ମୟୂର , ହଳଦୀ ବସନ୍ତ ଇତ୍ୟାଦି ଥିଲେ । ପଶୁମାନଙ୍କ ଭିତରେ ବାଘ , ଭାଲୁ , ହରିଣ , ସମ୍ବର , ଠେକୁଆ ଆଦି ବାସ କରୁଥିଲେ । ଏସବୁ ଛଡା ଜଙ୍ଗଲରେ ବହୁତ ପ୍ରକାର ଔଷଧୀୟ ଗଛ ବି ଥିଲା । ଗାଁ ଲୋକମାନେ ସେଠାରୁ ବିଭିନ୍ନ ପ୍ରକାର ଫଳ ମୂଳ ,କାଠ , ଔଷଧ ଇତ୍ୟାଦି ଆଣି ତାକୁ ବଜାରରେ ବିକ୍ରି କରି ଚଳୁଥିଲେ । ତେଣୁ ସେମାନେ ବଣ ନିଜ ମାଆ ପରି ଭଲ ପାଉଥିଲେ ।

ଦିନେ ସେ ବଣକୁ ଗୋଟିଏ ଶିକାରି ଆସିଲା । ଦିନସାରା ବଣରେ ଭିତରେ ଲୁଚିକରି ଥାଏ ଓ ରାତି ହେଲେ ସେ ପଶୁ ଶିକାର କରେ । ତେଣୁ ସେ କଥା କେହି ଜାଣି ପାରନ୍ତି ନାହିଁ । ଏମିତି କିଛି ଦିନ ବିତିଗଲା । ଧୀରେ ଧୀରେ ଗାଁ ଲୋକେ ଅନୁମାନ କଲେ ସେ କିଏ ଜଣେ ଏହି ଜଙ୍ଗଲରେ ଅଛି ଓ ପଶୁମାନଙ୍କୁ ଶିକାର କରୁଛି । ତେଣୁ ସେମାନେ ରାତିରେ ଲୁଚିକରି ପହରା ଦେଲେ । ସତକୁ ସତ ଶିକାର ଏପରି କାମ କରୁଥିବାର ନିଜ ଆଖିରେ ଦେଖିଲେ । ଗାଁ ଲୋକେ ସଙ୍ଗେ ସଙ୍ଗେ ଚାରି ପଟରୁ ଶିକାରିକୁ ଘେରିଗଲେ ଓ ତାକୁ ଧରି ପୋଲିସକୁ ଦେଲେ । ଏହିପରି ଭାବରେ ଶିକାରିଟି ତା'ର କୁକର୍ମ ଯୋଗୁଁ ଦଣ୍ଡ ପାଇଲା ।

(କ) ବଣରେ କେଉଁ କେଉଁ ପଶୁ ଓ ପକ୍ଷୀ ବାସ କରୁଥିଲେ ?

(ଖ) ଗାଁ ଲୋକେ ବଣକୁ ମାଆ ପରି ପୂଜା କରିବାର କାରଣ କ'ଣ ?

(ଗ) ଦିନେ ସେ ବଣକୁ କିଏ ଆସିଲା ଓ ଲୁଚିକରି କ'ଣ କଲା ?

(ଘ) ଗାଁ ଲୋକେ ତାକୁ କିପରି ଧରିଲେ ?

(ଙ) ସେ ଦଣ୍ଡ ପାଇବାର କାରଣ କ'ଣ ?

4. ନିର୍ଦ୍ଦେଶ ଅନୁସାରେଲେଖ ।

(କ) ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ :- ଆକାଶ , ନୟନ , ପୃଥିବୀ [3]

(ଖ) ବିପରୀତ ଅର୍ଥବୋଧକ ଶବ୍ଦ ଲେଖ :- ଉପକାର , ଜନମ , ଅଭିଜ୍ଞ , ଅନୁରକ୍ତ [2]

(ଗ) ସାମୋଚ୍ଚାରିତ ଶବ୍ଦ ଲେଖ :- ଅଶୀ – ଅସି , ଅନେକ – ଅନୈକ , ଅଂଶ – ଅଂସ [3]

(ଘ) ରୂଢିର ଅର୍ଥ ବୁଝାଇ ଲେଖ :- ଅଲଣା କଥା , ଅହି ନକୁଳ ସମ୍ପର୍କ , ଅଠା ବୋଳିଦେବା [3]

(ଙ) ଏକ ପଦରେ ପ୍ରକାଶ କର :- ସତ୍ୟ କହେ ଯେ , ଜୟ କରିବାର ଇଚ୍ଛା [2]

(ଚ) ଶବ୍ଦକୁ ଶୁଦ୍ଧ କରି ଲେଖ :- ଅଞ୍ଜଳୀ , ଅଧକ୍ଷ , ଅଙ୍ଗିକାର , ଅର୍ଥନୈତିକ [2]

(ଛ) ଅର୍ଥ ଗତ ପାର୍ଥକ୍ୟ ଦର୍ଶାଅ :- ଅଜା , ଅମଳ , ଅର୍ଥ [3]

(ଜ) ଅସଜଡା ବାକ୍ୟକୁ ସଜାଡି ଲେଖ । [2]

ହେଲେ ରାତି ଆକାଶରେ ଦିଶନ୍ତି ତାରା ଅନେକ

କରିବା ଏକ ପୁଣ୍ୟ ଦାନ କାମ ଅଟେ

5. **ଶବ୍ଦକୁ ନେଇ ବାକ୍ୟ ଗଠନ କର ।** [5]

ବାଦ ବିବାଦ , କାହାଣୀ , ବିସ୍ମୟକର , ବଡପଣ , ଅନାବିଳ

6. **ଶବ୍ଦର ଅର୍ଥ ଲେଖ ।** [5]

ବସନ , ପାଶେ , ପଣ , କଡୁଆ , ଜୁହାର

7. **ପ୍ରଶ୍ନ ଗୁଡିକର ଉତର ସଂକ୍ଷିପ୍ତରେ ଦିଅ ।** [20]

(କ) ଦଶରଥ କେଉଁ କଥା ଭାଳିଭାଳି ପ୍ରାଣତ୍ୟାଗ କଲେ ?

(ଖ) ରାମଙ୍କ ବନଗମନ ଖବର ପାଇ ଅଯୋଧ୍ୟାବାସୀ କାହିଁକି କ୍ରନ୍ଦନ କଲେ ?

(ଗ) ଆମ ସମାଜରୁ କ'ଣ ଉଭେଇ ଗଲାଣି ?

(ଘ) ମଣିଷ କାହାଠାରୁ ଦୂରେଇ ଯାଉଛି ?

(ଙ) ଫକୀରମୋହନଙ୍କ ଜନ୍ମ କେବେ ଓ କେଉଁଠାରେ ହୋଇଥିଲା ?

(ଚ) ଫକୀରମୋହନ ତାଙ୍କ ଲେଖାରେ ଜାତିକୁ କେଉଁମାନଙ୍କର କଥା ଶୁଣାଇଛନ୍ତି ?

(ଛ) କାଉ କୋଇଲିକୁ କ'ଣ କହିଲା ?

(ଜ) କ'ଣ କଲେ ଅନ୍ୟ ଠାରୁ ଆଦର ପାଇବ ?

(ଝ) ନୂଆଖାଇ ପର୍ବ କେଉଁ ଦିନ ପାଳିତ ହୁଏ ?

(ଞ) ନୂଆଖାଇ ପର୍ବ ଆମକୁ କ'ଣ ଶିଖାଇଥାଏ ?

************************ALL THE BEST************************